ପ୍ରେସ୍ ନୋଟ୍

# ଜିଲ୍ଲା ସ୍ତରୀୟ ସ୍ୱାଧିନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ।

## କରୋନା କଟକଣା ପାଇଁ ନିରାଡମ୍ବର ଭାବେ ପାଳନ ହେବ ସ୍ୱାଧିନତା ଦିବସ ।

ଅନୁଗୋଳ, ତା.୩.୦୮ :- ୭୫ତମ ଜିଲ୍ଲା ସ୍ତରୀୟ ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କରୋନା ନିୟମାବଳୀ ଆଧାରରେ ସ୍ୱାଧିନତା ଦିବସର ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁରୁପେ ପାଳନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରାତଃ ୪ ଘଟିକା ସମୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସହରରେ ଡାକବାଜୀ ଯନ୍ତ୍ର ଯୋଗେ ରାମଧୁନ ଗାନ କରାଯିବ । ବିଭିନ୍ନ ଶିକ୍ଷାନୁଷ୍ଠାନ ,ଅନୁଷ୍ଠାନ ଓ କୋଠାବାଡିରେ ସକାଳ ୭ ଘଟିକା ୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ ହେବ । ସେହିପରି ସକାଳ ୯ ଘଟିକା ୧୫ ମିନିଟ୍ ସମୟରେ ସରକାରଂକ ଦ୍ୱାରା ସ୍ଥିରିକୃତ ମୁଖ୍ୟ ଅତିଥିଙ୍କ ଦ୍ୱାରା ଷ୍ଟାଡିୟମ ପଡିଆ ଠାରେ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରାଯିବ । ଚଳିତ ବର୍ଷ କରୋନା କଟକଣା ହୋଇଥିବାରୁ ପୋଲିସ ବ୍ୟାଣ୍ଡ ପାର୍ଟି ଓ ପି ଟି ସି ବ୍ୟାଣ୍ଡ ପାର୍ଟି ସମେତ ଜିଲ୍ଲା ପୋଲିସ, ପୋଲିସ ଟ୍ରେନିଂ କଲେଜ(ମହିଳା ଓ ପୁରୁଷ),ହୋମଗାର୍ଡ, ଫରେଷ୍ଟ ଟ୍ରେନିଂ କଲେଜ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜାତୀୟ ପତାକାକୁ ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ ପ୍ରଦର୍ଶନ କରିବେ । ଏହି ଉପଲକ୍ଷେ କୋଭିଡ-୧୯ ରେ ଉତ୍ସର୍ଗୀକୃତ ସେବା ଯୋଗାଇ ଦେଇଥିବା ୨ଜଣ ଲେଖାଏଁ ଡାକ୍ତର,ପୋଲିସ,ପାରାମେଡିକାଲ ଷ୍ଟାଫ୍ ଓ ଷ୍ଟାଫ୍ ନର୍ସଙ୍କୁ ସମ୍ମାନୀତ କରାଯିବ । ଏହାଛଡା ପ୍ରତ୍ୟେକ ୩ଟି ପୌରାଂଚଳରୁ ଜଣେ ଲେଖାଏଁ ସଫେଇ କର୍ମଚାରୀଂକୁ ସମ୍ବର୍ଦ୍ଧିତ କରାଯିବ । ଗତ ହାଇସ୍କୁଲ ସାର୍ଟିଫିକେଟ ପରିକ୍ଷାରେ ଜିଲ୍ଲାରୁ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ( HSC, CBSE & ICSE) ଜଣେ ଛାତ୍ର ଓ ଜଣେ ଲେଖାଏଁ ଛାତ୍ରୀଙ୍କୁ (୬ ଜଣ) ସମ୍ବର୍ଦ୍ଧିତ କରାଯିବ । ଏହି ପ୍ରସ୍ତୁତି ବୈଠକରେ ତାଳଚେର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳ, ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରିଣୀ ସରିତା ପ୍ରଧାନ, ରିଜର୍ଭ ଇନିସପେକ୍ଟର ଶ୍ରୀ ସୁଶାନ୍ତ କୁମାର ସାହୁଙ୍କ ସମେତ ଜାତୀୟ ଦିବସ ପାଳନ କମିଟିର ସଦସ୍ୟ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

